# NATIONAL NEWS BULLETIN (ODIA)

## 28 December - 2024

## Morning Bulletin : 7.15 a.m.

********************************

## ମୁଖ୍ୟ ସମ୍ବାଦ

- ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଆଜି ସଂପନ୍ନ ହେବ ପୂର୍ବତନ ପ୍ରଧାନମନ୍ତ୍ରୀ ଡକ୍ଟର ମନମୋହନ ସିଂଙ୍କ ଅନ୍ତିମସଂସ୍କାର
- ଡକ୍ଟର ସିଂଙ୍କ ସ୍ମାରକୀ ନିର୍ମାଣ ନିମନ୍ତେ ଜାଗା ଯୋଗାଇ ଦେବେ କେନ୍ଦ୍ର ସରକାର
- ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ଅନ୍ତିମ ସଂସ୍କାରର ପ୍ରତ୍ୟକ୍ଷ ଧାରାବିବରଣୀ ପ୍ରସାରଣ କରିବ ଆକାଶବାଣୀ
- ମନ୍ କି ବାତ୍ କାର୍ଯ୍ୟକ୍ରମରେ ଆସନ୍ତାକାଲି ପୂର୍ବାହ୍ନ ୧୧ଟାରେ ଦେଶବାସୀଙ୍କ ସହ ଭାବ ବିନିମୟ କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

ଏବଂ

- ବର୍ଡର ଗାଭାସ୍କର ଟ୍ରଫିର ଚତୁର୍ଥ ଟେଷ୍ଟମ୍ୟାଚ୍‌ର ଆଜି ତୃତୀୟ ଦିନରେ ୧୬୪ ରନ୍‌ରୁ ବ୍ୟାଟିଂ ଆରମ୍ଭ କରିଛି ଭାରତ ।

# ମନମୋହନ-ଫିନେରାଲ୍

ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କର ଅନ୍ତିମ ସଂସ୍କାର ଆଜି ସଂପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ କରାଯିବ । ନୂଆଦିଲ୍ଲୀସ୍ଥିତ କଂଗ୍ରେସ ମୁଖ୍ୟାଳୟରୁ ସକାଳ ୯ଟା ୩୦ ମିନିଟ୍‌ରେ ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ଅନ୍ତିମ ଯାତ୍ରା ଆରମ୍ଭ ହେବ । ପୂର୍ବାହ୍ନ ୧୧ଟା ୪୫ ମିନିଟ୍‌ରେ ନିଗମବୋଧ ଘାଟ ସ୍ଥିତ ଶ୍ମଶାନରେ ଶେଷକୃତ୍ୟ ସଂପନ୍ନ କରାଯିବ । ଆଉ କିଛିସମୟ ପରେ ଡକ୍ଟର ସିଂଙ୍କ ବାସଭବନରୁ ପାର୍ଥିବ ଶରୀରକୁ କଂଗ୍ରେସ କାର୍ଯ୍ୟାଳୟକୁ ନିଆଯିବ । ସେଠାରେ ସାଧାରଣ ଜନତା ଓ ଦଳୀୟ କର୍ମୀ ଶେଷଦର୍ଶନ କରିବେ ।

ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ପରଲୋକରେ ଜାନୁଆରୀ ୧ ତାରିଖ ପର୍ଯ୍ୟନ୍ତ ୭ ଦିନ ପାଇଁ ରାଷ୍ଟ୍ରୀୟ ଶୋକ ପାଳନ କରାଯାଉଛି। ଏହି ସମୟରେ ଦେଶରେ ଜାତୀୟ ପତାକା ଅର୍ଦ୍ଧନମିତ ରହିଛି । ବିଦେଶରେ ଥିବା ସମସ୍ତ ଭାରତୀୟ ଦୂତାବାସ ଏବଂ ଉଚ୍ଚାୟୁକ୍ତଙ୍କ କାର୍ଯ୍ୟାଳୟରେ ମଧ୍ୟ ଜାତୀୟ ପତାକା ଅର୍ଦ୍ଧନମିତ ରହିଛି । ଆଜି କେନ୍ଦ୍ର ସରକାରଙ୍କ ସମସ୍ତ କାର୍ଯ୍ୟାଳୟ ଓ କେନ୍ଦ୍ର ଅଧିକୃତ କମ୍ପାନୀଗୁଡ଼ିକ ଅଧାଦିନ ଛୁଟି ରହିବ ।

ଗତକାଲି କେନ୍ଦ୍ର କ୍ୟାବିନେଟ୍‌ର ଜରୁରୀକାଳୀନ ବୈଠକରେ ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ବିୟୋଗରେ ଶୋକ ପ୍ରକାଶ କରାଯାଇଥିଲା । ଏଥିରେ ଡକ୍ଟର ସିଂଙ୍କ ବିୟୋଗରେ ଦେଶ ଜଣେ ବିଶିଷ୍ଟ ରାଜନେତା ଓ ପ୍ରଖ୍ୟାତ ଅର୍ଥନୀତିଜ୍ଞଙ୍କୁ ହରାଇଛି ବୋଲି ମତ ପ୍ରକାଶ ପାଇଥିଲା । ପୂର୍ବତନ

ପ୍ରଧାନମନ୍ତ୍ରୀଙ୍କ ସ୍ମୃତିରେ ଏକ ଶୋକ ସଂକଳ୍ପ ପାରିତ ହେବା ସହ ଦୁଇମିନିଟ୍ ନିରବ ପ୍ରାର୍ଥନା କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା ।

## ନେପାଳ ପିଏମ୍-କଣ୍ଡୋଲେନ୍ସ

ପୂର୍ବତନ ପ୍ରଧାନମନ୍ତ୍ରୀ ଡକ୍ଟର ମନମୋହନ ସିଂଙ୍କ ବିୟୋଗରେ ନେପାଳ ପ୍ରଧାନମନ୍ତ୍ରୀ କେ.ପି.ଶର୍ମା ଓଲି ଗଭୀର ଶୋକ ପ୍ରକାଶ କରିଛନ୍ତି । ସେ ତାଙ୍କ ଫେସ୍‌ବୁକ୍ ପୋଷ୍ଟରେ ନେପାଳ-ଭାରତ ପାରସ୍ପରିକ ସ୍ୱାର୍ଥ ପ୍ରସଙ୍ଗରେ ଡକ୍ଟର ସିଂଙ୍କ ସହ ଆଲୋଚନାକୁ ସ୍ମରଣ କରିଛନ୍ତି ।

ନେପାଳର ପୂର୍ବତନ ରାଷ୍ଟ୍ରପତି ବିଦ୍ୟାଦେବୀ ଭଣ୍ଡାରୀ ଗଭୀର ଶୋକ ପ୍ରକାଶ କରି କହିଛନ୍ତି ନେପାଳ ଜଣେ ପ୍ରକୃତ ବନ୍ଧୁଙ୍କୁ ହରାଇଛି । ସେ ଶୋକ ସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି ।

## ହୋମ୍ ମିନିଷ୍ଟ୍ରି ମେମୋରିଆଲ୍

ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ସ୍ମାରକୀ ନିର୍ମାଣ ପାଇଁ କେନ୍ଦ୍ର ସରକାର ଜାଗା ଯୋଗାଇ ଦେବେ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସୂଚନା ଦେଇଛି । ଗତକାଲି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ୍‌ଗେ ଏ ସଂକ୍ରାନ୍ତରେ କେନ୍ଦ୍ର ସରକାରଙ୍କୁ ଏକ ପତ୍ର ଜରିଆରେ ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ସ୍ମାରକୀ ନିର୍ମାଣ ନିମନ୍ତେ ଜାଗା ଯୋଗାଇ ଦେବାକୁ ଅନୁରୋଧ କରିଥିଲେ । କେନ୍ଦ୍ର କ୍ୟାବିନେଟ୍ ବୈଠକ ପରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ସରକାରଙ୍କ ପକ୍ଷରୁ ସ୍ମାରକୀ ନିର୍ମାଣ ନିମନ୍ତେ ଜାଗା ଯୋଗାଇ ଦିଆଯିବ ବୋଲି ଶ୍ରୀ ଖଡ୍‌ଗେ ଏବଂ ଡକ୍ଟର ମନମୋହନ ସିଂଙ୍କ ପରିବାରକୁ ଅବଗତ କରାଇଛନ୍ତି ।

## ଆକାଶବାଣୀ ଫିନେରାଲ୍ ବ୍ରଡ୍‌କାଷ୍ଟ

ପୂର୍ବତନ ପ୍ରଧାନମନ୍ତ୍ରୀ ଡକ୍ଟର ମନମୋହନ ସିଂଙ୍କ ଅନ୍ତିମ ସଂସ୍କାରର ପ୍ରତ୍ୟକ୍ଷ ଧାରାବିବରଣୀ ଆଜି ଆକାଶବାଣୀ ଦିଲ୍ଲୀ ଏହାର ଏଫ୍‌ଏମ୍ ରେନ୍‌ବୋ, ଇନ୍ଦ୍ରପ୍ରସ୍ଥ ଏବଂ ୨୪ଘଣ୍ଟିଆ ନିଉଜ୍ ଚ୍ୟାନେଲ୍‌ରେ ପ୍ରସାରଣ କରିବ । ପୂର୍ବାହ୍ନ ୧୧ଟାରେ ଆକାଶବାଣୀର ରାଜଧାନୀ ଷ୍ଟେସନ ସମେତ ସମସ୍ତ ସ୍ଥାନୀୟ ରେଡିଓ ଷ୍ଟେସନ ଓ ପ୍ରାଥମିକ ଚ୍ୟାନେଲ୍ ଗୁଡ଼ିକରେ ଏହାର ପ୍ରସାରଣ କରାଯିବ ।

## ଚେଞ୍ଜ ଅଫ୍ ଗାର୍ଡ ସେରିମନି

ରାଷ୍ଟ୍ରୀୟ ଶୋକ ପାଳନ ଯୋଗୁଁ ଆଜି ରାଷ୍ଟ୍ରପତି ଭବନରେ ହେବାକୁ ଥିବା ଗାର୍ଡ ପରିବର୍ତ୍ତନ ସମାରୋହ ଅନୁଷ୍ଠିତ ହେବନାହିଁ । ରାଷ୍ଟ୍ରପତିଙ୍କ ସଚିବାଳୟ ପକ୍ଷରୁ ଏହି ସୂଚନା ଦିଆଯାଇଛି । ଗାର୍ଡ ପରିବର୍ତ୍ତନ ସମାରୋହ ହେଉଛି ଏକ ସମ୍ମାନଜନକ ସାମରିକ ପରମ୍ପରା, ଯେଉଁଥିରେ ରାଜପ୍ରାସାଦ, ଦୁର୍ଗ ଏବଂ ପ୍ରତିରକ୍ଷା ପ୍ରତିଷ୍ଠାନର ନିୟମିତ ଭାବରେ ଗାର୍ଡ ଏବଂ ସେଣ୍ଟ୍ରିଙ୍କର ଅଦଳବଦଳ କରାଯାଇଥାଏ ।

## ପିଏମ୍-ମନ୍ କି ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା କାଲି ପୂର୍ବାହ୍ନ ୧୧ଟା ବେଳେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେବେ । ଏହା ମାସିକ ରେଡିଓ କାର୍ଯ୍ୟକ୍ରମ ମନ୍‌କି ବାତର ୧୧୭ତମ ସଂସ୍କରଣ ହେବ । ଏହି କାର୍ଯ୍ୟକ୍ରମ  ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟୱର୍କ,

ଆକାଶବାଣୀ ୱେବ୍‌ସାଇଟ୍ ଓ Newsonair ମୋବାଇଲ୍ App ରେ ଉପଲବ୍ଧ ହେବ । ଏହା ମଧ୍ୟ ଆକାଶବାଣୀ, DD News, PMO ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ସିଧା ପ୍ରସାରଣ ହେବ । ହିନ୍ଦୀ ଭାଷାରେ ପ୍ରସାରଣ ପରେ ଆକାଶବାଣୀରେ ଏହି କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣ ପ୍ରସାରଣ କରାଯିବ । ରାତି ୮ଟାରେ ଆଞ୍ଚଳିକ ଭାଷାନ୍ତରଣର ପୁନଃ ପ୍ରସାରଣ କରାଯିବ ।

## ଇୟର ଏଣ୍ଡର ସୋସିଆଲ୍ ଜଷ୍ଟିସ୍

୨୦୨୪ ମସିହା ଶେଷ ହେବାକୁ ଯାଉଛି । ଆକାଶବାଣୀ ସମାଚାର ବିଭାଗ ଚଳିତବର୍ଷ କେନ୍ଦ୍ର ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟର ପ୍ରମୁଖ କାର୍ଯ୍ୟାବଳୀ ଉପରେ ଝଲକ ପ୍ରସ୍ତୁତ କରୁଛି । ଆଜି ଆସନ୍ତୁ ଶୁଣିବା, ସାମାଜିକ ନ୍ୟାୟ ଓ ସଶକ୍ତିକରଣ ବିଭାଗର ପ୍ରମୁଖ ପଦକ୍ଷେପ ଏବଂ ଉପଲବ୍ଧି ସଂପର୍କରେ ।

ଦେଶରେ ସାମାଜିକ, ଶିକ୍ଷାଗତ ଓ ଅର୍ଥନୈତିକ ଦୃଷ୍ଟିରୁ ପଛୁଆବର୍ଗଙ୍କ ପାଇଁ କେନ୍ଦ୍ର ସରକାର ଅନେକ କଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ କରୁଛନ୍ତି । ଚଳିତବର୍ଷ ଅନୁସୂଚିତ ଜାତିର ୧୮ଲକ୍ଷରୁ ଅଧିକ ଛାତ୍ରଛାତ୍ରୀଙ୍କୁ ପ୍ରାକ୍-ମାଟ୍ରିକ୍ ଛାତ୍ରବୃତ୍ତି ଦିଆଯାଇଥିବା ବେଳେ ଏଥିପାଇଁ ବିଭାଗ ପକ୍ଷରୁ ୪୩୭ କୋଟିରୁ ଅଧିକ ଟଙ୍କା ପ୍ରଦାନ କରାଯାଇଛି । ୪୧ଲକ୍ଷରୁ ଅଧିକ ଅନୁସୂଚିତ ଜାତି ଛାତ୍ରଛାତ୍ରୀଙ୍କୁ ମାଟ୍ରିକ୍ ପରବର୍ତ୍ତୀ ଛାତ୍ରବୃତ୍ତି ନିମନ୍ତେ ୫ ହଜାର କୋଟିରୁ ଅଧିକ ଟଙ୍କା ପ୍ରଦାନ

କରାଯାଇଛି । **ଶ୍ରେଷ୍ଠ** ଯୋଜନାରେ ୧୪୨ଟି ଘରୋଇ ଆବାସିକ ବିଦ୍ୟାଳୟରେ ନାମଲେଖା ପାଇଁ ୩ ହଜାର ଛାତ୍ରଛାତ୍ରୀଙ୍କୁ ଚୟନ କରାଯାଇଥିଲା । ପ୍ରଧାନମନ୍ତ୍ରୀ ଅନୁସୂଚିତ ଜାତି ଅଭ୍ୟୁଦୟ ଯୋଜନାରେ ୫ ହଜାରରୁ ଅଧିକ ଗ୍ରାମକୁ ଆଦର୍ଶ ଗ୍ରାମ ଭାବେ ଘୋଷଣା କରାଯାଇଛି । ଏହା ଅଧୀନରେ ୩ ଲକ୍ଷ ହିତାଧିକାରୀଙ୍କ ପାଇଁ ୧ ହଜାର ୬୫୫ଟି ପ୍ରକଳ୍ପ ମଂଜୁର କରାଯାଇଛି ।

ଚଳିତବର୍ଷ ପଛୁଆବର୍ଗଙ୍କ ପାଇଁ ଏକକ ଡିଜିଟାଲ ପ୍ଲାଟଫର୍ମ ଅଧୀନରେ ଆର୍ଥିକ ସଶକ୍ତିକରଣ ପଦକ୍ଷେପକୁ ସୁବ୍ୟବସ୍ଥିତ କରିବା ନିମନ୍ତେ ପି.ଏମ୍. ସୂରଜ ପୋର୍ଟାଲ୍ ଆରମ୍ଭ କରାଯାଇଛି ।

ଅନ୍ୟପକ୍ଷରେ ୨୦୨୩-୨୪ ଆର୍ଥିକବର୍ଷରେ ପି.ଏମ୍. ଦକ୍ଷ ଯୋଜନାରେ ୧୧୨ଟି ତାଲିକାଭୁକ୍ତ ପ୍ରଶିକ୍ଷଣ ଅନୁଷ୍ଠାନ ମାଧ୍ୟମରେ ୮୦ ହଜାରରୁ ଅଧିକ ହିତାଧିକାରୀଙ୍କୁ ତାଲିମ ପ୍ରଦାନ କରାଯାଇଛି । ୨୦୨୪-୨୫ ଆର୍ଥିକ ବର୍ଷରେ ସରକାରଙ୍କ **ନମସ୍ତେ** ଯୋଜନାରେ ବର୍ଜ୍ୟବସ୍ତୁ ସଂଗ୍ରହକାରୀଙ୍କ ଉନ୍ନତି ନିମନ୍ତେ ବିଭାଗ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି ।

## ଆଜ୍‌ମେର ସରିଫ୍ - ଉର୍ସ

ରାଜସ୍ଥାନର ଆଜମେରଠାରେ ସୁଫି ସନ୍ଥ ହଜରତ୍ ଖ୍ୱାଜା ମୋଇନୁଦ୍ଦିନ ଚିସ୍ତିଙ୍କର ୮୧୩ତମ ଉର୍ସ ଉତ୍ସବପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି । ସଂଖ୍ୟାଲଘୁ ମନ୍ତ୍ରଣାଳୟ ସାମାଜିକ ଗଣମାଧ୍ୟମର ଏକ ପୋଷ୍ଟରେ କହିଛି, ଆଜି

ଆଜ୍‌ମେର'ର ଦରଗାହ ଖ୍ୱାଜା ସାହେବରେ ଧ୍ୱଜା ଉତ୍ସବ ପାଳନ କରାଯିବ । ଉର୍ସ ହେଉଛି ଜଣେ ସୁଫି ସନ୍ଥଙ୍କର ଶ୍ରାଦ୍ଧବାର୍ଷିକ, ଯାହାକି ସେହି ସନ୍ଥଙ୍କ ଦରଗାହରେ ପାଳନ କରାଯାଇଥାଏ ।

# ସାଉଥକୋରିଆ-ପଲିଟିକାଲ୍ ସିଚୁଏସନ

ଦକ୍ଷିଣ କୋରିଆର ନୂତନ କାର୍ଯ୍ୟକାରୀ ରାଷ୍ଟ୍ରପତି ଚୋଇ ସାଙ୍ଗ ମୋକ୍ କହିଛନ୍ତି ରାଜନୈତିକ ଅସ୍ଥିରତା ମଧ୍ୟରେ ପ୍ରଶାସନିକ ବ୍ୟବସ୍ଥାକୁ ସ୍ଥିର କରିବା ନିମନ୍ତେ ସରକାର ଧ୍ୟାନ ଦେବେ । ଉତ୍ତରକୋରିଆରେ ଉତ୍ତେଜନା ଆଶଙ୍କାକୁ ଦୃଷ୍ଟିରେ ରଖି ନୂଆ କାର୍ଯ୍ୟକାରୀ ରାଷ୍ଟ୍ରପତି' ସେନାକୁ ହାଇ ଆଲର୍ଟରେ ରହିବାକୁ କହିଛନ୍ତି । ଦକ୍ଷିଣ କୋରିଆର ଜାତୀୟ ଆସେମ୍ବ୍ଲିରେ ପୂର୍ବତନ ରାଷ୍ଟ୍ରପତି ହାନ୍ ଡକ୍ ସୋ'ଙ୍କ ବିରୁଦ୍ଧରେ ମହାଭିଯୋଗ ଆଣିବାର ଦୁଇସପ୍ତାହରୁ କମ୍ ସମୟ ମଧ୍ୟରେ ରାଷ୍ଟ୍ରପତି ୟୁନ ସୁକ୍ ୟୋ'ଙ୍କ ବିରୁଦ୍ଧରେ ମହାଭିଯୋଗ ପ୍ରସ୍ତାବ ଆସିଥିଲା । ରାଜନୈତିକ ଅସ୍ଥିରତା ଭିତରେ ଦକ୍ଷିଣ କୋରିଆର ବ୍ୟବସାୟିକ ଗୋଷ୍ଠୀ ପକ୍ଷରୁ ଚିନ୍ତା ପ୍ରକଟ କରାଯାଇଛି । ସେଠାକାର ବାଣିଜ୍ୟିକ ସଂଘଗୁଡ଼ିକ ପକ୍ଷରୁ ଦେଶର ଅର୍ଥନୀତି ଉପରେ ଧ୍ୟାନ ଦେବାକୁ କୁହାଯାଇଛି ।

# କ୍ରିକେଟ୍

ମେଲବର୍ଣ୍ଣରେ ଚାଲିଥିବା ବର୍ଡର ଗାଭାସ୍କର ଟ୍ରଫିର ଚତୁର୍ଥ ଟେଷ୍ଟ୍‌ମ୍ୟାଚ୍‌ର ଆଜି ତୃତୀୟ ଦିନରେ ଭାରତ ୧୬୪ ରନ୍‌ରୁ ବ୍ୟାଟିଂ

ଆରମ୍ଭ କରିଛି । ସମ୍ବାଦ ପ୍ରସ୍ତୁତ ହେଲାବେଳକୁ ଭାରତ ୭ ଓ୍ୱିକେଟ୍ ହରାଇ ୨୪୪ ରନ୍ ସ୍କୋର କରିଛି ।

ଭାରତ ୨୩୯ ରନ୍ ପଛରେ ରହିଛି । ଗତକାଲି ଅଷ୍ଟ୍ରେଲିଆର ପ୍ରଥମ ଇନିଂସ ସ୍କୋର ୪୬୪ରନ୍‌ର ଜବାବରେ ଭାରତ ୫ ଓ୍ୱିକେଟ୍ ହରାଇ ୧୬୪ ରନ୍ ସଂଗ୍ରହ କରିଥିଲା । ଅଷ୍ଟ୍ରେଲିଆ ପକ୍ଷରୁ ପ୍ରଥମ ଇନିଂସରେ ଷ୍ଟିଭେନ୍ ସ୍ମିଥ୍ ସର୍ବାଧିକ ୧୪୦ ରନ୍ ସ୍କୋର କରିଥିବା ବେଳେ ଭାରତୀୟ ବୋଲର ଯଶପ୍ରୀତ୍ ବୁମ୍‌ରା ୪ଟି ଏବଂ ରବୀନ୍ଦ୍ର ଜାଡ଼େଜା ୩ଟି ଓ୍ୱିକେଟ୍ ଅକ୍ତିଆର କରିଥିଲେ । ୫ ମ୍ୟାଚ୍ ବିଶିଷ୍ଟ ଏହି ସିରିଜ୍‌ରେ ଉଭୟ ଦଳ ଗୋଟିଏ ଲେଖାଏଁ ମ୍ୟାଚ୍ ଜିତିଛନ୍ତି ।

## କ୍ରିକେଟ୍ - ଓ୍ୱିମେନ୍

ଆଇ.ସି.ସି. ଚାମ୍ପିୟନ୍‌ସିପ୍ ମହିଳା କ୍ରିକେଟ୍‌ର ତୃତୀୟ ତଥା ଅନ୍ତିମ ଏକଦିବସୀୟ ମ୍ୟାଚ୍‌ରେ ଗତକାଲି ଭାରତ' ଓ୍ୱେଷ୍ଟ ଇଣ୍ଡିଜ୍‌କୁ ୫ ଓ୍ୱିକେଟ୍‌ରେ ପରାସ୍ତ କରିଛି । ଏଥିସହ ଭାରତ ଏକଦିବସୀୟ ଶୃଙ୍ଖଳାକୁ ୩-୦ରେ ବିଜୟୀ ହୋଇଛି । ଭଦୋଦରାର କୋଟାମ୍ବି ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଟସ୍ ଜିତି ଓ୍ୱେଷ୍ଟ ଇଣ୍ଡିଜ୍ ପ୍ରଥମେ ବ୍ୟାଟିଂ କରି ୩୮ ଓଭର୍ ଗୋଟିଏ ବଲ୍‌ରେ ସମସ୍ତ ଓ୍ୱିକେଟ୍ ହରାଇ ୧୬୨ ରନ୍ ସଂଗ୍ରହ କରିଥିଲା । ଭାରତ ପକ୍ଷରୁ ଦୀପ୍ତି ଶର୍ମା ୩୧ ରନ୍ ଦେଇ ୬ଟି ଓ୍ୱିକେଟ୍ ଅକ୍ତିଆର କରିବା ସହ ଦିନିକିଆ ଆନ୍ତର୍ଜାତିକୀରେ ଦୁଇଥର ୬ଟି ଲେଖାଏଁ ଓ୍ୱିକେଟ୍ ହାସଲ କରିବା କ୍ଷେତ୍ରରେ ପ୍ରଥମ ଭାରତୀୟ ମହିଳା ଖେଳାଳି ହୋଇଛନ୍ତି । ୧୬୩

ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଭାରତୀୟ ଦଳ ମାତ୍ର ୨୮ ଓଭର୍ ୨ଟି ବଲ୍‌ରେ ୫ ୱିକେଟ୍ ହରାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲା । ଦୀପ୍ତି ଶର୍ମା ୩୯ ରନ୍ ସଂଗ୍ରହ କରି ଅଲ୍‌ରାଉଣ୍ଡର୍ ଭୂମିକା ତୁଲାଇଥିଲେ ।